# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ପ୍ରାଦେଶିକ ମେଧା ପରୀକ୍ଷା ୨୦୨୩-୨୪

## ଶ୍ରେଣୀ - ପଞ୍ଚମ

**ସମୟ - ୨ ଘଣ୍ଟା** | **ପ୍ରଥମ ପତ୍ର** | **ପୂର୍ଣ୍ଣସଂଖ୍ୟା - ୧୦୦**

## ପରୀକ୍ଷାର୍ଥୀଙ୍କ ପାଇଁ ସୂଚନା

**ପ୍ରଥମେ ନିମ୍ନ ସୂଚନାଗୁଡ଼ିକ ଭଲ ଭାବରେ ପଢ଼ ଓ ତା'ପରେ ଉତ୍ତର ଲେଖିବାକୁ ଆରମ୍ଭ କର ।**

୧. କେବଳ ନିର୍ଦ୍ଧାରିତ ସ୍ଥାନରେ ନିଜର ରୋଲ୍ ନମ୍ବର ଲେଖ ।

୨. ବିଭିନ୍ନ ବିଷୟରେ ଦିଆଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ହେବ ।

୩. ପ୍ରଥମେ ପ୍ରଶ୍ନଗୁଡ଼ିକ ଭଲ ଭାବରେ ପଢ଼ ଓ ତା'ପରେ ଠିକ୍ ଉତ୍ତର ବାଛି ଉତ୍ତରଫର୍ଦ୍ଦ (OMR)ରେ ସଂପୃକ୍ତ ବୃତ୍ତଟିକୁ କଳା / ନୀଳ ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ କଳା ବା ନୀଳ କର । କେବଳ ଗୋଟିଏ ବୃତ୍ତକୁ କଳା/ ନୀଳ କର । ଦୁଇ ବା ତତୋଽଧିକ ଉତ୍ତର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୪. ପ୍ରଶ୍ନପତ୍ର ପୁସ୍ତିକାରେ ଥିବା ପୃଷ୍ଠା ସଂଖ୍ୟା ଓ ପ୍ରଶ୍ନ ସଂଖ୍ୟା ଭଲ ଭାବରେ ମିଳାଇ ନିଅ ।

୫. ଉତ୍ତରଫର୍ଦ୍ଦ (OMR) ରେ କୌଣସି ଦାଗ ବା ଚିରା ଫଟାଥିଲେ ତତ୍‌କ୍ଷଣାତ୍ କକ୍ଷ ନିରୀକ୍ଷକଙ୍କୁ ଫେରାଇ ଆଉ ଗୋଟିଏ ଠିକ୍ ଉତ୍ତରଫର୍ଦ୍ଦ (OMR) ମାଗି ନିଅ ।

୬. ରଫ୍ କାର୍ଯ୍ୟ କରିବା ପାଇଁ ଗଣିତ ଓ ପ୍ରତ୍ୟୁତ୍ପନ୍ନମତିତ୍ୱ ପ୍ରଶ୍ନର ଡାହାଣ ପଟେ ସ୍ଥାନ ରଖା ଯାଇଅଛି ! ପ୍ରତ୍ୟେକ ପ୍ରଶ୍ନର ଡାହାଣରେ ସେହି ପ୍ରଶ୍ନ ପାଇଁ ରଫ୍ କର । ଯଦି ଜାଗା ନ ହୁଏ, ତେବେ ପଛପଟେ ରଫ୍ ଲେଖାଥିବା ପୃଷ୍ଠାକୁ ବ୍ୟବହାର କରିପାର । କିନ୍ତୁ ଅଲଗା କାଗଜରେ ରଫ୍ କର ନାହିଁ ।

୭. ତୁମ ପ୍ରବେଶ ପତ୍ରରେ ଦିଆଯାଇଥିବା ନିୟମ ପାଳନ କରିବ ।

୮. ପରୀକ୍ଷା ଦେବା ସମୟରେ କୌଣସି ଅସୁବିଧା ଅନୁଭବ କଲେ, ତୁମ କକ୍ଷର ପର୍ଯ୍ୟବେକ୍ଷକଙ୍କୁ ଜଣାଇବ ।

୯. ପରୀକ୍ଷା ଶେଷ ହେବା ପୂର୍ବରୁ ପରୀକ୍ଷାର୍ଥୀ ପରୀକ୍ଷା ଗୃହ ଛାଡ଼ି ପାରିବେ ନାହିଁ । ପରୀକ୍ଷା ଶେଷରେ ଉତ୍ତରଫର୍ଦ୍ଦ (OMR) ଟି କକ୍ଷ ନିରୀକ୍ଷକଙ୍କୁ ହସ୍ତାନ୍ତର କରି ପରୀକ୍ଷା ଗୃହ ଛାଡ଼ିବେ ।

**OMR ପୂରଣ କରିବା ପ୍ରଣାଳୀ**

| ଠିକ୍ ପ୍ରଣାଳୀ | ଭୁଲ ପ୍ରଣାଳୀ |
|---|---|
| ○ ○ ● ○ | ✓ ⊠ ◓ ▨ ⊙ |

https://ssvmkalamachhuin.in/

ଗଣିତ ଓ ଜ୍ୟାମିତି | ପଞ୍ଚମ | ପୂର୍ଣ୍ଣାଙ୍କ - ୩୦

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରଫର୍ଦ୍ଦ (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲ୍‌ପଏଣ୍ଟ କଲମରେ ନୀଳ / କଳା କର ।** $2 \times 15 = 30$

୧. ୫୨୮୭୭କୁ ୨୫ ଦ୍ୱାରା ଭାଗ କଲେ ଭାଗଫଳ ଓ ଭାଗଶେଷ କେତେ ହେବ ?

(A) ୨୧୧୫ ଓ ୭ (B) ୨୧୧୨ ଓ ୨

(C) ୨୧୧୫ ଓ ୨ (D) ୨୧୧୨ ଓ ୭

୨. ୧୨ ଜଣ ବାଳକ ବା ୧୬ ଜଣ ବାଳିକା ଗୋଟିଏ କାମକୁ ଯେତେ ଦିନରେ କରିପାରନ୍ତି ୯ ଜଣ ବାଳକଙ୍କ ସଙ୍ଗେ କେତେ ଜଣ ବାଳିକା ମିଶିଲେ ସେହି କାମଟିକୁ ସେତେ ଦିନରେ କରିପାରିବେ ?

(A) ୪ ଜଣ (B) ୬ ଜଣ (C) ୧୬ ଜଣ (D) ୧୨ ଜଣ

୩. ଗୋଟିଏ ପଦାର୍ଥକୁ ୨୦ ଟଙ୍କାରେ ବିକ୍ରିକଲେ ଯେତେ କ୍ଷତି ହୁଏ, ୨୫ ଟଙ୍କାରେ ବିକିଲେ ସେତେ ଲାଭ ହୁଏ । ପଦାର୍ଥର ମୂଳକିଣା କେତେ ?

(A) ୨୩ଟ. ୫୦ପ. (B) ୨୫ ଟଙ୍କା

(C) ୨୦ ଟଙ୍କା (D) ୨୨ଟଙ୍କା ୫୦ ପ.

୪. ଗୁଡ଼ି ନିଜ ଘରଠାରୁ [illegible] ପାଦରେ ଚାଲିଯାଇ ପାଦରେ ଚାଲି ଫେରି ଆସିବାକୁ ୧୪ ଘଣ୍ଟା ଲାଗେ । ଯଦି ସେ ପାଦରେ ଯାଇ ସାଇକେଲରେ ଫେରିଆସେ ତାକୁ ୧୧ ଘଣ୍ଟା ଲାଗେ । ତେବେ ସାଇକେଲରେ ଯାଇ ଫେରି ଆସିବାକୁ କେତେ ସମୟ ଲାଗିବ ?

(A) ୪ ଘଣ୍ଟା (B) ୮ ଘଣ୍ଟା (C) ୬ ଘଣ୍ଟା (D) ୭ ଘଣ୍ଟା

୫. ଲୋଚନବାବୁ କେତୋଟି ନଡ଼ିଆ ଆଣି କେତୋଟି ଟୋକେଇରେ ସମାନ ଭାବରେ ରଖିବାକୁ ଇଚ୍ଛା କଲେ । ପ୍ରତି ଟୋକେଇରେ ୬ଟି କରି ରଖିଲେ [illegible]ଟି ନଡ଼ିଆ ନିଅଣ୍ଟ ହୁଏ । ମାତ୍ର ପ୍ରତି ଟୋକେଇରେ ୫ଟି କରି ରଖିଲେ ୨ଟି ନଡ଼ିଆ ନିଅଣ୍ଟ ହୁଏ । ତେବେ ଟୋକେଇ ସଂଖ୍ୟା ଓ ନଡ଼ିଆ ସଂଖ୍ୟା ନିର୍ଣ୍ଣୟ କର ।

(A) ୮ ଓ ୩୦ (B) ୮ ଓ ୨୮

(C) ୬ ଓ ୨୮ (D) ୬ ଓ ୩୦

୬. ୧୬୦ର ୦.୪ର ୦.୫ର ୦.୮, କେଉଁ ସଂଖ୍ୟାର ଏକ ଦଶମାଂଶ ?

(A) ୨୫୬ (B) ୨୬୦ (C) ୨୫୦ (D) ୨୫୨

ରଫ୍

https://ssvmkalamachhuin.in/

ରଫ୍

୭. $୧୨ - ୧୫ \div କେତେ = ୧୧\frac{୧}{୪}$

(A) ୨୫ (B) ୩୦ (C) ୪୦ (D) ୨୦

୮. ଶୁଭମ୍ ଗୋଟିଏ ମୋବାଇଲ ଫୋନକୁ ୨୦୦୦ଟଙ୍କାରେ କିଣି ମୂଳକିଣା ଉପରେ ୭୦% ଅଧିକ ଦାମ୍ ଲେଖିଲେ । ବିକ୍ରି ବେଳେ କ୍ରେତାକୁ ୨୦% ଛାଡ଼ ଦେଲେ । ତାଙ୍କର ଶତକଡ଼ା କେତେ ଲାଭ ହେବ ?

(A) ୪୦% (B) ୨୬% (C) ୩୬% (D) ୫୦%

୯. ଗୋଟିଏ କୋଣର ପରିପୂରକ କୋଣ, ଅନୁପୂରକ କୋଣର ୭ ଗୁଣ । ସେ କୋଣର ପରିମାଣ କେତେ ହେବ ?

(A) ୬୫° (B) ୭୫° (C) ୮୦° (D) ୧୫°

୧୦. ଯେଉଁ ମୂଳଧନ ଶତକଡ଼ା ୧୦ ହାର ସରଳସୁଧରେ ୨ ବର୍ଷରେ ୬୦୦ ଟଙ୍କା ହୁଏ, ସେହି ମୂଳଧନ କେତେ ବର୍ଷରେ ଦ୍ୱିଗୁଣିତ ହେବ ?

(A) ୧୦ ବର୍ଷ (B) ୧୨ ବର୍ଷ

(C) ୮ ବର୍ଷ (D) ୯ ବର୍ଷ

୧୧. ଖଣ୍ଡିଏ ଆୟତଘନାକାର କାଠଗଣ୍ଡିର ଦୈର୍ଘ୍ୟ ୪ମିଟର, ପ୍ରସ୍ଥ ୨୫ ସେ.ମି. ଓ ମୋଟେଇ ୨୫ ସେ.ମି. । ଏକ ଘନମିଟରକୁ ଟ୧୮୦୦ ଟଙ୍କା ଦରରେ ସେହି କାଠଗଣ୍ଡିଟିର ଦାମ୍ କେତେ ହେବ ?

(A) ୪୨୫ ଟଙ୍କା (B) ୪୨୦ ଟଙ୍କା

(C) ୪୦୦ ଟଙ୍କା (D) ୪୫୦ ଟଙ୍କା

୧୨. ଗୋଟିଏ ସମଘନାକାର ଜଳକୁଣ୍ଡର ଭିତର ପାଖର ଦୈର୍ଘ୍ୟ, ପ୍ରସ୍ଥ ଓ ଗଭୀରତା ପ୍ରତ୍ୟେକ ୭ ଡେସିମିଟର । ଏଥିରେ କେତେ ଲିଟର ଜଳ ରହିପାରିବ ?

(A) ୩୪୦ ଲିଟର (B) ୩୪୩ ଲିଟର

(C) ୪୯ ଲିଟର (D) ୪୪୩ ଲିଟର

୧୩. $୧୧ \times ୧୨ \times ୧୩ \times ୧୪ = ୧୧^{+୧} \times ୧୨^{+୨} \times ୧୩^{+୩} \times ୧୪^{+୪}$

$= ୨୦ \ldots / ____ / ୨୪$

ଏହି ଗୁଣନରେ ଶୂନ୍ୟସ୍ଥାନ ପୂରଣ କର ।

(A) ୩୦ (B) ୨୦ (C) ୫୦ (D) ୪୦

https://ssvmkalamachhuin.in/

**ରଫ୍**

୧୪. ୮୭ | ୧ ୮ ୭ ୬ | ୫ ଏହି ଭାଗକ୍ରିୟାରେ ଶୂନ୍ୟସ୍ଥାନ ପୂରଣ କର ।

| | | |
|---|---|---|
| ୮୭ | ୧ ୮ ୭ ୬ | ୫ |
| ୧୩ | ୦ ୨ ୩ | ୦ |
| | ୧ ୧ ୩ ୫ | ___ |

(A) ୨୦ (B) ୧୦ (C) ୧୫ (D) ୨୫

୧୫. $\frac{୧}{୧\frac{୧}{୭}}$ କୁ ସରଳ କଲେ କେତେ ମିଳିବ ?

(A) $\frac{୭}{୬}$ (B) $\frac{୬}{୭}$ (C) ୮ / ୭ (D) ୭ / ୮

**ବିଜ୍ଞାନ** **ପଞ୍ଚମ** **ପୂର୍ଣ୍ଣାଙ୍କ - ୩୦**

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରଫର୍ଦ୍ଦ (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲ୍‌ପଏଣ୍ଟ କଲମରେ ନୀଳ / କଳା କର ।** 2×15 = 30

୧୬. ଅପପୁଷ୍ଟି ରୋଗ ନ ହେବା ପାଇଁ କେଉଁ କେଉଁ ଖାଦ୍ୟ ଆବଶ୍ୟକ ପରିମାଣରେ ଖାଇବା ଉଚିତ ?

(A) ଶ୍ୱେତସାର ଓ ପୁଷ୍ଟିସାର (B) ଶ୍ୱେତସାର ଓ ସ୍ନେହସାର (C) ଶ୍ୱେତସାର ଓ ଜୀବସାର (D) ପୁଷ୍ଟିସାର ଓ ସ୍ନେହସାର

୧୭. ସଂକ୍ରାମକ ରୋଗ ବ୍ୟାପିବା ପାଇଁ ଜଳ, ବାୟୁ ଓ ଖାଦ୍ୟ ମାଧ୍ୟମ ବ୍ୟତୀତ ଆଉ କେଉଁ କାରଣ ଦାୟୀ ?

(A) ନଳନାଳ (B) ଧୂଆଁ (C) ପ୍ରତ୍ୟକ୍ଷ ସଂସ୍ପର୍ଶ (D) ନର୍ଦ୍ଦମା

୧୮. ଗୋଷ୍ଠୀ ସଫେଇ କ'ଣ ?

(A) ଗୋଷ୍ଠୀ ଘରକୁ ସଫେଇ (B) ଗୋଷ୍ଠୀର ସହାୟତାରେ ସଫେଇ

(C) କୋଠାଘର ସଫେଇ (D) ସଫେଇ ପାଇଁ ସଭାରେ ଭାଷଣ

୧୯. ଆବର୍ଜନା ପରିମାଣ କମାଇବା ପାଇଁ କାହା ବଦଳରେ କପଡ଼ା ବ୍ୟାଗ ଓ କାଗଜଠୁଙ୍ଗା ବ୍ୟବହାର କରିବା ଠିକ୍ ହେବ ?

(A) ଟିଣ ଡବା (B) ଷ୍ଟିଲ ବ୍ୟାଗ୍ (C) ବାଉଁଶ ପାଛିଆ (D) ପଲିଥିନ ମୁଣି

୨୦. ଗୋଶାଳା, ଗୁହାଳ ଓ ପାଇଖାନାର ଆବର୍ଜନା ଦ୍ୱାରା କ'ଣ ତିଆରି କରଯାଇ ପାରିବ ?

(A) ଜୈବିକ ବାଷ୍ପ ଓ ସାର (B) ଖେଳନା (C) ପେଟି (D) ଔଷଧ ଖୋଳ

୨୧. ଲଘୁଚାପ କିପରି ସୃଷ୍ଟି ହୁଏ ?

(A) ଉଚ୍ଚ ପର୍ବତର ତାପମାନ ଓ ଧୂଆଁ ମିଶ୍ରଣରେ ଘୂର୍ଣ୍ଣନ ହୋଇ

(B) ମରୁଭୂମିର ତାପମାନ ଓ ଧୂଳିଝଡ଼ ମିଶ୍ରଣରେ

(C) ପବନର ବେଗ ବଢ଼ିଲେ

(D) ସମୁଦ୍ର ପତନର ତାପମାନ ଏବଂ ଜଳୀୟ ବାଷ୍ପ ମିଶ୍ରଣରେ ଘୂର୍ଣ୍ଣନ ସୃଷ୍ଟି ଯୋଗୁଁ

୨୨. କେଉଁ ପ୍ରକାର ବିପର୍ଯ୍ୟୟରେ ତୁରନ୍ତ ଖୋଲା ଜାଗାକୁ ଯିବା ଆବଶ୍ୟକ ?

(A) ବାତ୍ୟା (B) ବନ୍ୟା (C) ଭୂମିକମ୍ପ (D) ବଜ୍ରପାତ

୨୩. ପ୍ରାଥମିକ ଚିକିତ୍ସା ବାକ୍ସରେ କ'ଣ କ'ଣ ରହିବା ଦରକାର ?

(A) ଭେଣ୍ଟିଲେଟର (B) ସାଲାଇନ ବୋତଲ (C) ବ୍ୟାଣ୍ଡେଜ କପଡ଼ା, ଡେଟଲ (D) ଭାଇବ୍ରେଟର

୨୪. ଚୂନପାଣି ଭିଜା କନା ଗୁଡ଼ାଇ ରଖି ବିନ୍ଧା କମାଇବାର ବ୍ୟବସ୍ଥା କାହାର ପ୍ରାଥମିକ ଚିକିତ୍ସା ଅଟେ ?

(A) ପୋଡ଼ା ଘା' ପାଇଁ (B) ମୁଣ୍ଡବିନ୍ଧା (C) ପେଟବିନ୍ଧା (D) ବିଷାକ୍ତ କୀଟ କାମୁଡ଼ିଲେ

https://ssvmkalamachhuin.in/

୨୫. ଆକ୍ୱାରିୟମ (ଜଳାଧାର)ରେ କାହାକୁ ରଖାଯାଇଥାଏ ?

(A) କୁମ୍ଭୀର (B) ମାଛ (C) ବୁଢ଼ିଆଣୀ (D) ଅସରପା

୨୬. ଓଟର ପାଦ ବାଲିରେ ପୋତି ହୁଏ ନାହିଁ କାରଣ -

(A) ପାଦ ଓସାରିଆ ଓ ଗୋଟାଳିଆ ହୋଇଥିବାରୁ (B) ଗୋଡ଼ରେ ଖୁରା ଥିବାରୁ

(C) ଲମ୍ବା ଗୋଡ଼ ହୋଇଥିବାରୁ (D) ଗୋଡ଼ରେ ତୀକ୍ଷ୍ଣ ପଞ୍ଝା ଥିବାରୁ

୨୭. ପକ୍ଷୀମାନେ ଆକାଶରେ ଉଡ଼ିପାରନ୍ତି । ସେଥିପାଇଁ ନିମ୍ନୋକ୍ତ କେଉଁ କାରଣ ଦାୟୀ ନୁହେଁ ?

(A) ସେମାନଙ୍କର ହାଡ଼ ହାଲୁକା (B) ସେମାନଙ୍କ ଡେଣା ଓ ପର ଉଡ଼ିବାରେ ସହାୟକ

(C) ସେମାନଙ୍କର ଲାଞ୍ଜ ଦିଗ ପରିବର୍ତ୍ତନ କରାଏ (D) ସେମାନେ ଅଳ୍ପ ଖାଆନ୍ତି

୨୮. ନାଗଫେଣୀ ପରି କଣ୍ଟାଜାତୀୟ ଉଦ୍ଭିଦ ମରୁଭୂମିରେ ଦେଖା ଯାଆନ୍ତି - କାରଣ

(A) କଣ୍ଟାଯୁକ୍ତ ଓ ମାଂସଳ ଓସାରିଆ ପତ୍ର ଯୋଗୁଁ ସଞ୍ଚିତ ଅଧିକ ଜଳ ବାୟୁମଣ୍ଡଳକୁ ଯାଇ ନ ଥାଏ ।

(B) ପତ୍ରର ଡେମ୍ଫ ନରମ ଓ ଫମ୍ପା

(C) ପତ୍ରରେ ଅନେକ ଛିଦ୍ର ଥିବାରୁ

(D) ଏମାନଙ୍କର ପତ୍ର ତେଲିଆ

୨୯. ଜଙ୍ଗଲ ବୃଦ୍ଧି ପାଇଲେ ବାୟୁମଣ୍ଡଳରେ କି ପରିବର୍ତ୍ତନ ହେବ ?

(A) ବୃକ୍ଷଠାରୁ ବାୟୁମଣ୍ଡଳ ପ୍ରଚୁର ଜଳୀୟବାଷ୍ପ ପାଇବ (B) ବୃଷ୍ଟିପାତ କମ୍ ହେବ

(C) ବାୟୁମଣ୍ଡଳର ତାପମାତ୍ରା ବଢ଼ିଯିବ (D) ବାୟୁମଣ୍ଡଳରେ ଅମ୍ଳଜାନ ପରିମାଣ କମିଯିବ

୩୦. କିଏ ରାସାୟନିକ ଶକ୍ତିର ଏକ ଉଦାହରଣ ?

(A) ଜଳସ୍ରୋତ (B) ଘଣ୍ଟାର ବ୍ୟାଟେରୀ (C) ଜଳ ବରଫ ହେବା (D) ମହମ ତରଳିବା

| ପ୍ରତ୍ୟୁତ୍ପନ୍ନମତିତ୍ୱ | ପଞ୍ଚମ | ପୂର୍ଣ୍ଣାଙ୍କ - ୩୦ |
|---|---|---|

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରପତ୍ର (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲ୍‌ପଏଣ୍ଟ କଲମରେ ନୀଳ / କଳା କର ।** $2 \times 15 = 30$

**ରଫ୍**

୩୧. ପରବର୍ତ୍ତୀ ଚିତ୍ରଟି ବାଛ ।

**ସମସ୍ୟା ଚିତ୍ର**



**ଉତ୍ତର ଚିତ୍ର**



(A) (B) (C) (D)

https://ssvmkalamachhuin.in/

ପ୍ରତ୍ୟୁତ୍ପନ୍ନମତିତ୍ୱ | ପଞ୍ଚମ | ପୂର୍ଣ୍ଣାଙ୍କ - ୩୦

୩୨. ପୂର୍ଣ୍ଣ ଚିତ୍ର ପାଇଁ ଉତ୍ତର ବାଛ ।

**ସମସ୍ୟା ଚିତ୍ର**



**ଉତ୍ତର ଚିତ୍ର**



(A) (B) (C) (D)

୩୩. ସମସ୍ୟା ଚିତ୍ରର ଦର୍ପଣ ଚିତ୍ର ବାଛ ।

**ସମସ୍ୟା ଚିତ୍ର**




**ଉତ୍ତର ଚିତ୍ର**



(A) (B) (C) (D)

୩୪. ପରବର୍ତ୍ତୀ ଚିତ୍ରଟି ବାଛ ।

**ସମସ୍ୟା ଚିତ୍ର**




**ଉତ୍ତର ଚିତ୍ର**



(A) (B) (C) (D)

**ରଫ୍**

https://ssvmkalamachhuin.in/

ରଫ୍

୩୫. ଉତ୍ତର ଚିତ୍ର ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।

**ସମସ୍ୟା ଚିତ୍ର**




**ଉତ୍ତର ଚିତ୍ର**



(A) (B) (C) (D)

୩୬. ଶବ୍ଦ ଯୋଡ଼ିର ସମ୍ପର୍କକୁ ଦେଖି ଶୂନ୍ୟସ୍ଥାନ ପୂରଣ କର ।

ଡାକ୍ତରଖାନା : ରୋଗୀ :: ________ : ଛାତ୍ର

(A) ମନ୍ଦିର (B) ଅଦାଲତ (C) ବିଦ୍ୟାଳୟ (D) ଚିଡ଼ିଆଖାନା

୩୭. ପରବର୍ତ୍ତୀ ସଂଖ୍ୟା ଲେଖ ।

୧, ୪, ୯, ୧୬, ?

(A) ୨୫ (B) ୨୦ (C) ୨୧ (D) ୩୬

୩୮. ଯଦି ରାମ ପାଇଁ ଅଯୋଧ୍ୟା ହୁଏ କୃଷ୍ଣପାଇଁ କ'ଣ ହେବ ?

(A) ପୁରୀ (B) ମଥୁରା (C) କାଶୀ (D) ବୈଶାଳୀ

୩୯. ଯଦି bad - good ତେବେ night = ?

(A) boy (B) toy (C) day (D) dark

୪୦. ପରବର୍ତ୍ତୀ ଅକ୍ଷରପୁଞ୍ଜ ଲେଖ ।

କଖଗ, ଚଛଜ, ଟଠଡ, ________

(A) ତଥଦ (B) ତଥଧ (C) ପଫବ (D) ତଥନ

୪୧. ଅଲଗାଟିକୁ ବାଛ ।

(A) 30° (B) 55° (C) 75° (D) 110°

୪୨. ଯଦି BCA YXZ, ତେବେ DBC = ?

(A) WYX (B) XYZ (C) YWX (D) XYW

୪୩. ଯଦି ନଭେମ୍ବର ୧୪ : ଶିଶୁ ଦିବସ ତେବେ ସେପ୍ଟେମ୍ବର ୫ :

________

(A) ସ୍ୱାଧୀନତା ଦିବସ (B) ଗୁରୁ ଦିବସ

(C) ଗୋପବନ୍ଧୁ ଜୟନ୍ତୀ (D) ଗାନ୍ଧୀ ଜୟନ୍ତୀ

୪୪. ଅଲଗାଟିକୁ ବାଛ ।

(A) ଅଜା (B) ଜେଜେବାପା

(C) ଜେଜେମା (D) ବାପା

୪୫. BSKEAT ଅକ୍ଷରଗୁଡ଼ିକୁ ନେଇ ଅର୍ଥପୂର୍ଣ୍ଣ ଶବ୍ଦଟି କିଏ ?

(A) BSKEAT (B) BKSEAT

(C) BAESKT (D) BASKET

ରଫ୍

**ସାଧାରଣଜ୍ଞାନ** **ପଞ୍ଚମ** **ପୂର୍ଣ୍ଣାଙ୍କ - ୧୦**

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରଫର୍ଦ୍ଦ (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲ୍‌ପଏଣ୍ଟ କଲମରେ ନୀଳ / କଳା କର ।** 2 × 5 = 10

୪୬. ବର୍ତ୍ତମାନ କେତେ ବିକ୍ରମ ସମ୍ବତ୍ ଚାଲିଛି ?

(A) ୨୦୮୧ (B) ୨୦୮୦ (C) ୨୦୮୨ (D) ୨୦୭୯

୪୭. ୧୮୫୭ ସ୍ୱାତନ୍ତ୍ରତା ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ପରି ଆଉ କେଉଁ ବିଶିଷ୍ଟ ବୀର ସମ୍ପୃକ୍ତ ଥିଲେ ?

(A) ଶହୀଦ ଲକ୍ଷ୍ମଣ ନାୟକ (B) ବିର୍ସା ମୁଣ୍ଡା (C) ଚାଖି ଖୁଣ୍ଟିଆ (D) ବକ୍ସି ଜଗବନ୍ଧୁ

୪୮. ଉତ୍କଳ ଗୌରବ ମଧୁବାବୁଙ୍କ ସହ ଓଡ଼ିଶାର କେଉଁ ଶିଳ୍ପ ସମ୍ପୃକ୍ତ ?

(A) ଲୌହ ଶିଳ୍ପ (B) ପଥର ବାସନ (C) କପଡ଼ା ଶିଳ୍ପ (D) ଚମଡ଼ା ଶିଳ୍ପ

୪୯. ଏସିଆର ବୃହତ୍ ଧାନ ଗବେଷଣା କେନ୍ଦ୍ର NRRI ର ପୂରାନାମ କ'ଣ ?

(A) National Rice Research Institute (B) National Rural Rice Industry

(C) National Regular Research Institute (D) New Research Rice Institution

୫୦. ଭାରତର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀଙ୍କୁ କେଉଁ ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି ?

(A) ପଦ୍ମଶ୍ରୀ (B) ପଦ୍ମଭୂଷଣ (C) ପଦ୍ମ ବିଭୂଷଣ (D) ଭାରତରତ୍ନ

ରଫ୍

https://ssvmkalamachhuin.in/